# First Meeting of the India-UK Joint Working Group on Cyber Deterrence

November 25, 2021

## ସାଇବର ଡିଟରେନ୍ସ ଉପରେ ଭାରତ-ବ୍ରିଟେନ ମିଳିତ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଠକ

**ନଭେମ୍ବର 25, 2021**

ସାଇବର ଡିଟେରେନ୍ସ ଉପରେ ଭାରତ-ବ୍ରିଟେନ ମିଳିତ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଠକ 25 ନଭେମ୍ବର 2021 ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ସାଇବର କୂଟନୀତି) ଶ୍ରୀ ଅତୁଲ ମଲହାରୀ ଗୋଟସୁର୍ଭେ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ। ବ୍ରିଟେନ ପ୍ରତିନିଧୀ ଦଳର ନେତୃତ୍ୱ ବୈଦେଶିକ କମନୱେଲଥ ବିକାଶ କାର୍ଯ୍ୟାଳୟ (ଏଫସିଡିଓ) ର ସାଇବର ନିର୍ଦ୍ଦେଶକ ଶ୍ରୀ ୱିଲ ମିଡଲଟନ ନେଇଥିଲେ। ଏହି ବୈଠକରେ ଉଭୟ ଦେଶର ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ସାଇବର ଅଧିକାରୀମାନେ ଯୋଗ ଦେଇଥିଲେ।

2. ଉଭୟ ପକ୍ଷ ସାଇବର ଡିଟେରେନ୍ସ ସହ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ନୂଆଦିଲ୍ଲୀରେ 17 ଏପ୍ରିଲ 2018 ରେ ସାଇବର ସମ୍ପର୍କ ପାଇଁ ସ୍ୱାକ୍ଷରିତ ଭାରତ-ବ୍ରିଟେନ ଫ୍ରେମୱାର୍କ ଅଧୀନରେ ଦ୍ୱିପାକ୍ଷିକ ସାଇବର ସହଯୋଗକୁ ଆହୁରି ଗଭୀର କରିବାର ଉପାୟ ଉପରେ ଆଲୋଚନା କରିଥିଲେ।

3. ଭାରତ ଓ ବ୍ରିଟେନ ପରସ୍ପର ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଏବଂ ସାଇବର ଡିଟେରେନ୍ସ ସମସ୍ୟାର ସମାଧାନ ତଥା ପ୍ରଭାବୀ ସାଇବର ଡିଟେରେନ୍ସ ରଣନୀତି ପ୍ରସ୍ତୁତି ପାଇଁ ନିୟମିତ ବିଚାର ବିମର୍ଷ କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.